## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ ଗଣେଶ



@ ମନୀଷ



@ ପୂଜା



@ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ଠିକାଦାର ଭାଇଙ୍କ ନିମ୍ନମାନର କାର୍ଯ୍ୟ

ଯାଜପୁର, ୮।୪ (ହର୍ଷବର୍ଦ୍ଧନ ବେହେରା)

- ସାଧାରଣ ପ୍ରଶାସନ(ଭିଜିଲାନ୍ସ) ବିଭାଗର ତଦନ୍ତ ନିର୍ଦ୍ଦେଶ
- ୧ ମାସ ପରେ ନିର୍ମାଣ ବିଭାଗର ପଦକ୍ଷେପ

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ରାସ୍ତା ଓ କୋଠବାଡ଼ି(ଆରଆଣ୍ଡବି) ତଥା ପୂର୍ତ୍ତ ବିଭାଗରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଅତିନିମ୍ନମାନର ହେଉଛି। ବିଶେଷକରି ଦୁଇ ଭାଇ ପୂର୍ତ୍ତ ବିଭାଗରେ ଠିକାଦାର ଭାବେ ପଞ୍ଜୀକୃତ ହୋଇ ଅତିନିମ୍ନମାନର କଞ୍ଚାମାଲ ବ୍ୟବହାର କରୁଥିବାରୁ ସଂପୃକ୍ତ ପ୍ରକଳ୍ପଗୁଡ଼ିକ ଦୀର୍ଘସ୍ଥାୟୀ ହୋଇ ପାରୁନାହିଁ। ଏହିମର୍ମରେ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବା ପରେ ସାଧାରଣ ପ୍ରଶାସନ(ଭିଜିଲାନ୍ସ) ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟାରୀ ୨।୩।୨୦୨୬ରେ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ମାଣ ବିଭାଗର ପ୍ରିନ୍ସିପାଲ ସେକ୍ରେଟେରିଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ପତ୍ର ପଠାଇବାର ୧ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହେବା ପରେ ୨।୪।୨୦୨୬ରେ ନିର୍ମାଣ ବିଭାଗ ପକ୍ଷରୁ ସ୍ପେଶିଆଲ ସେକ୍ରେଟାରି ରତିକାନ୍ତ ମହାପାତ୍ର ଉପଯୁକ୍ତ ଭାବେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ମାଣ ବିଭାଗର ଇଞ୍ଜିନିୟର-ଇନ-ଚିଫ(ସିଭିଲ କମ ରୋଡ)ଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଭାଗୀୟ ବିଳମ୍ବିତା ପଛରେ ବହୁ ରହସ୍ୟ ରହିଛି ବୋଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁସାରେ, ଠିକାଦାର ଭାଇ ଦ୍ୱୟଙ୍କ ଏକାଧିକ ପ୍ରକଳ୍ପ କାର୍ଯ୍ୟ ବିଭାଗୀୟ ଅଟକଳ ଅନୁସାରେ ହେଉନାହିଁ। କେତେକ ପ୍ରକଳ୍ପ କମ ସମୟ ମଧ୍ୟରେ କ୍ଷତିଗ୍ରସ୍ତ ହେଉଥିବା ସହ ବିକୃତ ଭଳି ଦେଖିବାକୁ ମିଳିଛି। ସମସାମୟିକ ଭାବରେ, କୌଣସି ପ୍ରକଳ୍ପର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇ ନାହିଁ। ଉପରୋକ୍ତ ଠିକାଦାରଙ୍କ ଏହି ଆଚରଣ ଯୋଗୁ ସ୍ଥାନୀୟ ବାସିନ୍ଦା ଯୋଗାଯୋଗ ଏବଂ ପରିବହନ ସହିତ ଜଡିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ମଧ୍ୟ ଦୁଃଖ ଏବଂ ଆଶ୍ଚର୍ଯ୍ୟର ବିଷୟ ଯେ ସରକାରୀ ଅଧିକାରୀମାନେ ପ୍ରମାଣପତ୍ର ବିନା ଉପରୋକ୍ତ ଠିକାଦାରଙ୍କ ବିଲ ରାଶି ମଧ୍ୟ ମଞ୍ଜୁର କରିଛନ୍ତି। ଏଥିରେ ଠିକାଦାର ଭାଇ ଦ୍ୱୟ ଏବଂ ସଂପୃକ୍ତ ସରକାରୀ ଅଧିକାରୀ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରେ ଏକ ଷଡ଼ଯନ୍ତ୍ର ମାଧ୍ୟମରେ ସରକାରୀ ଟଙ୍କା ଅପବ୍ୟବହାର କରାଯାଇଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରି ଧର୍ମଶାଳା ବିଧାୟକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କର ମତ ହେଉଛି, ଯଦି କାମର ଗୁଣବତ୍ତା ବୃଦ୍ଧି କରା ନ ଯାଏ କିମ୍ବା ଏପରି ନିମ୍ନମାନର କାମ ଜାରି ରହେ, ତେବେ ସେମାନେ ଧାରଣାରେ ବସିବାକୁ ବାଧ ହେବେ। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ଗତ ୫ ବର୍ଷ ମଧ୍ୟରେ ଉକ୍ତ ଠିକାଦାର ଭାଇ ଦ୍ୱୟ କରିଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ତଦନ୍ତ କରି ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବାକୁ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ୫ ଏଏସ୍‌ଆଇ ହେଲେ ଏସ୍‌ଆଇ

ପାଣିକୋଇଲି,୮।୪
(ବିକାଶ ଚନ୍ଦ୍ର ମଲ୍ଲିକ)

ରାଜ୍ୟରେ ୧୩୫ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର (ଏଏସ୍‌ଆଇ), ସବଇନ୍ସପେକ୍ଟର (ଏସ୍‌ଆଇ) ପଦବୀକୁ ପଦୋନ୍ନତି ହୋଇଛନ୍ତି। ଏହିକ୍ରମରେ ଯାଜପୁର ଜିଲାର ୫ ଏଏସ୍‌ଆଇ ଏସ୍‌ଆଇ ପଦୋନ୍ନତି ପାଇଛନ୍ତି। ଜିଲାର ଅଶୋକ କୁମାର ସ୍ୱାଇଁ, ପବିତ୍ର କୁମାର ବେହେରା, ଚୁନୁରାମ ହାସଁଦା, ଇନ୍ଦ୍ରମଣି ଯୁଆଙ୍ଗ ଓ ଜୀବନ କିଶୋର ବାରା ଏହି ପଦୋନ୍ନତି ପାଇଥିବା ଓଡ଼ିଶା ପୋଲିସ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

# ଦୃଷ୍ଟିହୀନ ପ୍ରଫୁଲ୍ଲଙ୍କୁ ଧର୍ମଶାଳା ବିଧାୟକଙ୍କ ସହାୟତା



ଅଂଶୁମାନ ମେମୋରିଆଲ ଟ୍ରଷ୍ଟ କର୍ମକର୍ତ୍ତା ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

କୋରେଇ,୮।୪ (ଚନ୍ଦ୍ରକାନ୍ତ ପତି)

କୋରେଇ ବ୍ଲକ ଅଧୀନ ରଗଡ଼ି ଗ୍ରାମର ଦୃଷ୍ଟିହୀନ ପ୍ରଫୁଲ୍ଲ ଦାସଙ୍କୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବୁଧବାର ସହାୟତା ପ୍ରଦାନ କରାଯାଇଛି। ପ୍ରଫୁଲ୍ଲ ଜଣେ ଭଲ ଗୀତିକାର ଭାବେ ଆଖପାଖ ଅଞ୍ଚଳରେ ବେଶ ପରିଚିତ। ଅତ୍ୟନ୍ତ ଗରିବ ଶ୍ରେଣୀର ପ୍ରଫୁଲ୍ଲଙ୍କୁ ୨୦୨୩ରେ ସରକାର ବସୁନ୍ଧରା ଯୋଜନାରେ ପଛିକୋଟ ରାଜସ୍ୱ ସର୍କଲ ଅଧୀନ ରଗଡ଼ି ମୌଜାରେ ୪ ଡେସିମିଲ ଜମି ପ୍ରଦାନ କରିଥିଲେ। ଭାଜପା ସରକାର ଆସିବା ପରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଫୁଲ୍ଲଙ୍କୁ ଘର ଯୋଗାଇ ଦିଆଯାଇଥିଲା। ପ୍ରଥମ କିସ୍ତି ୪୦ ହଜାର ପାଇବା ପରେ ଉକ୍ତ ଜମିରେ ପ୍ରଫୁଲ୍ଲ ଘର ନିର୍ମାଣ ଆରମ୍ଭ କରିଥିଲେ। ମାତ୍ର ଟଙ୍କା ଅଭାବରୁ ଘର ସମ୍ପୂର୍ଣ୍ଣ କରିପାରି ନ ଥିଲେ। ଫଳରେ ଆଗାମୀ କିସ୍ତି ପାଇବାରୁ ବଞ୍ଚିତ ହୋଇଥିଲେ। ଦୀର୍ଘଦିନର ଅପେକ୍ଷା ପରେ ଅର୍ଦ୍ଧନିର୍ମିତ ଗୃହକୁ ସମ୍ପୂର୍ଣ୍ଣ କରିବାକୁ ଟଙ୍କାର ଆବଶ୍ୟକତା ଥିବା ଦର୍ଶାଇ ପ୍ରଫୁଲ୍ଲ ସୋସିଆଲ ମିଡିଆରେ ଗୀତ ମାଧ୍ୟମରେ ସହଯୋଗ ପାଇଁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଗୁହାରି କରିଥିଲେ। ଏହାକୁ ବିଧାୟକ ସୋସିଆଲ ମିଡିଆରେ ଦେଖିବା ପରେ ପ୍ରଫୁଲ୍ଲଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ତାଙ୍କ ଦ୍ୱାରା ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରଷ୍ଟର ସଦସ୍ୟମାନେ ପ୍ରଫୁଲ୍ଲଙ୍କ ନିକଟରେ ପହଞ୍ଚି ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଧର୍ମଶାଳାଙ୍କ ଏହି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

### ସୋସିଆଲ ମିଡିଆରେ ଗୀତ ମାଧ୍ୟମରେ ସହଯୋଗ ପାଇଁ ଗୁହାରି କରିଥିଲେ

# ଓଡ଼ିଆ ପକ୍ଷ ଅବସରରେ ସ୍ୱଚ୍ଛତା ଅଭିଯାନ

ରସୁଲପୁର, ୮।୪ (ରଞ୍ଜିତ ରାଉତ)



ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଭିନ୍ନ କର୍ମକର୍ତ୍ତା।

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ୧ଏପ୍ରଲରୁ୧୪ ଏପ୍ରିଲ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ନେତୃତ୍ୱରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯାଇଛି। ବୁଧବାର ପୂର୍ବାହ୍ନରେ ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା, ସିଆର୍‌ପି, ଏମ୍‌ବିକେ, ୱାର୍ଡସଭ୍ୟ, କମିଟି କାର୍ଯ୍ୟକର୍ତ୍ତା ଓ ଶ୍ରମିକଙ୍କ ସହାୟତାରେ ହିଙ୍ଗୁଳା ପଡ଼ିଆ ସଫେଇ କରାଯାଇଛି। ମା'ଙ୍କ ବାର୍ଷିକ ଯଜ୍ଞଉତ୍ସବ ଗତ ୨ରୁ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ହିଙ୍ଗୁଳା ବଙ୍କଚ ପଡ଼ିଆରେ ଯାତ୍ରା ଓ ମେଳା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଯାତ୍ରା ଶେଷ ହେବା ପରେ ପଡ଼ିଆ ଅଳିଆ ଅବର୍ଜନାରେ ଭର୍ତ୍ତି ହୋଇଯାଇଥିଲା। ସରପଞ୍ଚଙ୍କ ନିର୍ଦ୍ଦେଶକ୍ରମେ ପଡ଼ିଆକୁ ସଫାସୁତରା କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ପଡିଆ ଓ ମା'ଙ୍କ ପୀଠକୁ ପରିଷ୍କାରପରିଚ୍ଛନ୍ନ କରିଥିଲେ। ଏମ୍‌ବିକେ ସସ୍ମିତା ଆଏଚ, ସିଆରିପି ବସୁମତି ବେହେରା, ଜିପିଏଲ୍‌ଏଫ ସଭାନେତ୍ରୀ ସଞ୍ଜୁଲତା ପଣ୍ଡା, ଇସି ସଭ୍ୟ ସୀମା ଆଏଚ, ଅଙ୍ଗନୱାଡିକର୍ମୀ ନିରୁପମା କର, ହିଙ୍ଗୁଳା କମିଟିର ସମ୍ପାଦକ ଧନେଶ୍ୱର ସାହୁ, କାର୍ଯ୍ୟକାରୀ ସଭାପତି ଶଶିଭୂଷଣ ପରିଡା, ଉପଦେଷ୍ଟା ବିନୋଦ ବିହାରୀ ବେହେରା, ପ୍ରଧାନଶିକ୍ଷକ ସୁନନ୍ଦ ରାଉତ, ପୀଠ ପରିଚାଳକ କୃଷ୍ଣଚନ୍ଦ୍ର ରାଉତ, ପ୍ରଭାକର ପରିଡ଼ା ଓ ରଞ୍ଜିତ ଦେଓ ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କୁଲରୁ ଗ୍ୟାସ୍ ସିଲିଣ୍ଡର ଚୋରି

ଧର୍ମଶାଳା,୮।୪(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଜାରକା ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ନାରାୟଣ ନନ୍ଦ ଅଭିଯୋଗ କରିଛନ୍ତି ଯେ, ବୁଧବାର ସକାଳେ ରୋଷେୟା ଆସି ରୋଷେଇ ଘରକୁ ଯିବାବେଳେ ଏହାଖୋଲାଥିଲା। ପାଖରେ ଏକ ଆରିପାତ ଓ ପଥର ଖଣ୍ଡ ପଡ଼ିଥିଲା। ରୋଷେୟା ଏହା ଦେଖି ତାଙ୍କୁ ଜଣାଇଥିଲେ। ସେ ପହଞ୍ଚି ରୋଷେଇ ଘରୁ ଗ୍ୟାସ ସିଲିଣ୍ଡର ସମେତ ଏକ ଗ୍ରାଇଣ୍ଡର ଓ ଗ୍ୟାସ ଚୁଲା ଚୋରି ହୋଇଥିବା ଜଣାଇବାକୁ ପାଇଥିଲେ। ଏନେଇ ସେ ପ୍ରଥମେ ଏବିଇଓ ଏବଂ ପରେ ଧର୍ମଶାଳା ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଗ୍ୟାସ ଚୋରି ହୋଇଯାଇଥିବାରୁ କାଠ ଚୁଲିରେ ମଧ୍ୟାହ୍ନଭୋଜନ ରୋଷେଇ କରାଯାଇଥିଲା। ପ୍ରଧାନଶିକ୍ଷକଙ୍କ ଅଭିଯୋଗକ୍ରମେ ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏଏସ୍‌ଆଇ ପ୍ରତାପ ଦେବତା ସୂଚନା ଦେଇଛନ୍ତି।

No. 10001/24/2627

## ଅଂଶୁଘାତ ସତର୍କତା

### ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



### ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10001/10003/2/26-27/0002

# ଏସ୍‌ପିଙ୍କୁ ଭେଟିଲେ ଜିଲା ବିଜେଡି ନେତୃମଣ୍ଡଳୀ



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ବିଜେଡି ନେତୃମଣ୍ଡଳୀ।

ପାଣିକୋଇଲି,୮।୪(ବିକାଶ ଚନ୍ଦ୍ର ମଲ୍ଲିକ)

### ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା

ଯାଜପୁର ଜିଲାରେ ଦିନକୁଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଯାଜପୁର ଗୁଳିକାଣ୍ଡ ଏହି ଆଇନ ଶୃଙ୍ଖଳାର ଭଗ୍ନଆଇନ ବ୍ୟବସ୍ଥାର ନଗ୍ନ ଚିତ୍ର ପାଲିଟିଛି। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଜିଲାର ସାଧାରଣ ଲୋକ ଭୟ ଓ ଅଶଙ୍କାରେ ଗତି କରୁଛନ୍ତି। ଜିଲା ସରା ଅରାଜକତା ଚାଲିଛି। ବିଜୁ ଜନତା ଦଳ(ବିଜେଡି)ର କର୍ମୀଙ୍କୁ ବିନା ଦୋଷରେ ମିଥ୍ୟା ମାମଲା କରି ଗିରଫ କରାଯାଉଛି। ଜିଲାରେ ଖଣିଜ ସମ୍ପଦ ଲୁଟ୍ ବେଧଡକ ଚାଲିଛି। ଏଭଳି ଅଭିଯୋଗ କରି ଜିଲା ବିଜେଡିର ବରିଷ୍ଠ ନେତୃମଣ୍ଡଳୀ ବୁଧବାର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଏସ୍‌ପି ଯସପ୍ରତାପ ଶ୍ରୀମଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ପୋଲିସ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

ଅପରାଧୀଙ୍କୁ ଚିହ୍ନଟ କରିବା, ଅବୈଧ ଖଣି ଓ ଖଣିଜ ସମ୍ପଦ ଚୋରିରେ ସମ୍ପୃକ୍ତ ପରିବହନ ସଂସ୍ଥା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା, ବେଆଇନ କାର୍ଯ୍ୟାକଳାପରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଜନପ୍ରତିନିଧି ଓ ସାଧାରଣ ନାଗରିକଙ୍କୁ ସୁରକ୍ଷା, ମିଥ୍ୟା ମାମଲାର ପୁନଃ ତଦନ୍ତ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ, ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ବଡ଼ଚଣା ବିଜେଡି ନେତା ରାଜନାରାୟଣ ମହାପାତ୍ର, ଜିଲା ବିଜେଡି ସଭାପତି ସରୋଜ ମହାପାତ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି ଓ ପ୍ରତାପ ମହାନ୍ତି ପ୍ରମୁଖ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ପେଟ୍ରୋଲ ପମ୍ପଗୁଡ଼ିକରେ ବଢୁଛି ଅପମିଶ୍ରଣ

**ଜଗତ୍‌ସିଂହପୁର, ୮।୪ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲାରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକରେ ଅପମିଶ୍ରଣ ଦିନକୁଦିନ ବଢ଼ି ଚାଲିଛି। ଏ ନେଇ ଯାନବାହାନ ଖରାପ ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରତିକାର ହେଉନାହିଁ। କେବଳ ଏତିକି ନୁହେଁ, ପେଟ୍ରୋଲ ପମ୍ପଗୁଡ଼ିକର ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉନାହିଁ। ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯିବା ଉପରେ ସରକାର ଗୁରୁତ୍ୱ ଦେଉଥିଲେ ସୁଦ୍ଧା ଜିଲାର ଏକାଧିକ ପେଟ୍ରୋଲ ପମ୍ପ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏସବୁକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ପୂର୍ବରୁ ପେଟ୍ରୋଲ ଓ ଡିଜେଲରେ ଅପମିଶ୍ରଣ ହେଉଥିଲା। କିନ୍ତୁ ଇରାନ ସହ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଏହି ଅପମିଶ୍ରଣକୁ ବଢ଼ାଇ ଦେଇଛି। କାରଣ ହର୍ମୁଜ ଷ୍ଟ୍ରେଟ୍ ଦେଇ ବିଶ୍ୱର ପାଖାପାଖି ୨୦ ପ୍ରତିଶତ ଅଶୋଧିତ ତୈଳ ଓ ଗ୍ୟାସ ବିଭିନ୍ନ ଦେଶକୁ ସମୁଦ୍ର ପଥରେ ପରିବହନ ହେଉଛି। ଇରାନ ଅଙ୍କୁଶ ଲଗାଇ ଦେବାରୁ ଅସୁବିଧା ହୋଇଥିଲା। ଯଦିଓ ଭାରତରେ ସେଭଳି ସମସ୍ୟା ହୋଇନି ତଥାପ ଅନେକ ଅସାଧୁ ବ୍ୟବସାୟୀ, ଦଲାଲ, କର୍ମଚାରୀ ପେଟ୍ରୋଲ ଓ ଡିଜେଲର ଅଭାବ ଥିବା ମିଥ୍ୟା ପ୍ରଚାର କରି କଳାବଜାରକୁ ପ୍ରୋତ୍ସାହିତ କରିଥିଲେ। ଯେଉଁ କାରଣରୁ ପେଟ୍ରୋଲ ପମ୍ପଗୁଡ଼ିକରେ ଅପମିଶ୍ରଣ ହାର ବଢ଼ିଯାଇଛି। ଏ ସମ୍ପର୍କରେ ବୁଦ୍ଧିଜୀବୀମାନେ କହିଛନ୍ତି, ଅପମିଶ୍ରଣର ମାଧ୍ୟମ କୁହାଯାଉଥିବା ନାଫ୍‌ଥା କଳାବଜାର ବଢ଼ିବାରେ ଲାଗିଛି। ଜିଲାରେ ଏହାର ଚୋରା ଚାଲାଣ ର୍ୟାକେଟ୍ ସକ୍ରିୟ ଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ହେଉନି। ଯେଉଁଥିପାଇଁ ର୍ୟାକେଟ୍, ପେଟ୍ରୋଲ ପମ୍ପ ମାଲିକ ଓ ଅସାଧୁ ତୈଳ କମ୍ପାନୀ କର୍ମଚାରୀଙ୍କ ସମ୍ପର୍କରେ ରହି ଅପମିଶ୍ରଣକୁ ପ୍ରୋତ୍ସାହିତ କରାଯାଉଛି। ଗାସୋଲିନ୍ ଏବଂ ଡିଜେଲର ନିକଟବର୍ତ୍ତୀ କେତେକ ତୈଳ ପଦାର୍ଥ ଆଦି ରହିଛି

### ଅଗ୍ନି ନିର୍ବାପକ ବ୍ୟବସ୍ଥା ହେଉନି, ରହୁନି କଟକଣା



ଯାହାର ମୂଲ୍ୟ ଯଥେଷ୍ଟ କମ। ଏହାକୁ ଡିଜେଲ, ପେଟ୍ରୋଲରେ ଅପମିଶ୍ରଣ କରାଗଲେ ଲାଭ ଅଧିକ ହେଉଛି। ତେଣୁ ଏହାର ବ୍ୟବହାର କରାଯାଉଛି। ଡିଜେଲ, ପେଟ୍ରୋଲ ଆଦିରେ ଅପମିଶ୍ରିତ ହେଉଥିବା ନାଫ୍‌ଥା ପାରାଦୀପସ୍ଥିତ ଭାରତୀୟ ତୈଳ ବିଶୋଧନାଗାର (ଆଇଓସିଏଲ୍) ସମେତ ଅନ୍ୟତ୍ର ଉପଲବ୍ଧ ହେଉଛି। ରାସାୟନିକ ସାର ପ୍ରସ୍ତୁତ ସମୟରେ ନାଫ୍‌ଥାର ଆବଶ୍ୟକତା ଥାଏ। ତେଣୁ ପାରାଦୀପ ସମେତ ଅନ୍ୟ ସାର କମ୍ପାନୀଗୁଡ଼ିକ ଏହା କିଣିଥାନ୍ତି। ପେଟ୍ରୋଲରେ ନାଫ୍‌ଥା ଅପମିଶ୍ରଣ କରାଯାଉଛି। ଏହି ର୍ୟାକେଟ୍‌ର ହାତ ବହୁତ ଲମ୍ବା। ନାଫ୍‌ଥା କିପରି ପେଟ୍ରୋଲ ପମ୍ପଗୁଡ଼ିକରେ ପହଞ୍ଚୁଛି ସେ ସମ୍ପର୍କରେ ଖୋଳତାଡ କଲେ ଅନେକ ଗୁଢ଼ ରହସ୍ୟ ପଦାକୁ ଆସିବ। ଆଣ୍ଟି ଆଡଲ୍‌ଟରେସନ୍ ସେଲ୍ ଅଫ ଇଣ୍ଡିଆ ଅନୁଯାୟୀ ଗାସୋଲିନ୍ ପାଇଁ ନାଫଥା ହେଉଛି ଏକ ସାଧାରଣ ଅପମିଶ୍ରଣର ମାଧ୍ୟମ। ଏହାବାଦ୍ କୌଣସି ସମ୍ବେଦନଶୀଳ ସ୍ଥାନରେ ପେଟ୍ରୋଲ ପମ୍ପ କରାଯିବା ଉପରେ ଅଙ୍କୁଶ ରହିଛି। ଯେଉଁଠାରେ ପମ୍ପ ପାଇଁ ଅନୁମତି ଦିଆଯାଏ, ସେଠାରେ କି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ ସେ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରାଯାଏ। ବିଶେଷକରି ଅଗ୍ନି ନିର୍ବାପକ ଯନ୍ତ୍ର (ଫାୟାର ଏକ୍ସଟିଙ୍ଗୁଇସର୍) ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଏ। ଏଥିସହ ପେଟ୍ରୋଲ ବିତରଣ ଯନ୍ତ୍ର (ଡିସ୍ପେନ୍‌ସିଭ୍ ୟୁନିଟ୍), ପରିସୀମାରେ ପାଚେରୀ, ଟ୍ରାନ୍ସଫର୍ମର ଚାରିପଟେ ତାର ବାଡ କିମ୍ବା ପାଚେରୀ, ଟ୍ରକ୍ ଲୋଡ୍ ଏବଂ ଅନ୍‌ଲୋଡ୍‌ସ୍ଥଳ (ଡିକାଣ୍ଟେଶନ୍ ପଏଣ୍ଟ)ରେ ସ୍ୱତନ୍ତ୍ର ଭାବେ ଚିହ୍ନ ଦିଆଯିବା ଏବଂ ବାଲି ପୂର୍ଣ୍ଣ ଅଗ୍ନି ନିର୍ବାପକ ବାଲ୍‌ଟି (ଫାୟାର ବକେଟ୍‌ସ) ଆଦି ସୁବ୍ୟବସ୍ଥିତ କରାଯିବା ପାଇଁ ନିର୍ଦ୍ଦେଶ ରହିଛି। ପେଟ୍ରୋଲ ପମ୍ପ ପରିସର ସଫା ରଖାଯିବା ସହ ଭେଣ୍ଟ ପାଇପ୍ (ପେଟ୍ରୋଲ ଗଚ୍ଛିତ ସ୍ଥଳରୁ ଉପରକୁ ଯାଇଥିବା ପାଇପ୍) ଯେପରି ଖରାପ ନ ହୁଏ ସେଥିପ୍ରତି ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଇଥାଏ। ବାସ୍ତବରେ କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ବିଶେଷକରି ଜଗତ୍‌ସିଂହପୁର ଏବଂ ପାରାଦୀପ ଭଳି ଜନଗହଳିପୂର୍ଣ୍ଣ ସହରରେ ନିୟମ ଉଲ୍ଲଙ୍ଘନ କରାଯିବାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଭାରପ୍ରାପ୍ତ ସହକାରୀ ଅଗ୍ନିଶମ ଅଧିକାରୀ ବିଶ୍ୱରଞ୍ଜନ ବାସ୍କେଙ୍କୁ ପଚାରିବାରେ କିଛି ଦିନ ହେଲା ନୂଆକରି ଅସ୍ଥାୟୀ ଭାବେ ଦାୟିତ୍ୱ ଦେଇଛନ୍ତି। ତଥାପି ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ପରବର୍ତ୍ତୀ ପଦକ୍ଷେପ ନେବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

## ଅନନ୍ତ ଗୋସ୍ୱାମୀ ଯାଦବ ସଂଘର ବାର୍ଷିକ ଲଉଡ଼ି ଉତ୍ସବ

**ବାଲିକୁଦା, ୮।୪ (ତାପସ ସ୍ୱାଇଁ)**

ବାଲିକୁଦା ବ୍ଲକ୍ ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତର ବୁଦ୍ଧିସାହି ଗ୍ରାମର ରାଧାକୃଷ୍ଣ ମନ୍ଦିର ପରିସରରେ ଅନନ୍ତ ଗୋସ୍ୱାମୀ ଯାଦବ ସଂଘ ଆନୁକୂଲ୍ୟରେ ବାର୍ଷିକ କାଠି ଲଉଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଅଞ୍ଚଳର କାଠି ଲଉଡ଼ି ଦଳ ବୁଦ୍ଧିସାହି, ହରିଶପୁର, ଖଣ୍ଡାସାହି, ନାକୋଳି, ଦଣ୍ଡାସାହି, ନରଣପୁର ଆଦି ପ୍ରଭୃତି ଅଞ୍ଚଳରୁ ଲଉଡ଼ି ସଙ୍ଗଠନମାନେ ଯୋଗଦେଇ ସେମାନଙ୍କର ପାରମ୍ପରିକ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ



ଅତିଥିଙ୍କ ଗହଣରେ ଲଉଡ଼ି ଖେଳୁଥିବା ଗୋପାଳ ବାଳକମାନେ।

ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଙ୍ଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ସମ୍ପାଦକ ସୌମେନ୍ଦ୍ର ଦାସ, ବିଶ୍ୱନାଥ ପରିଡ଼ା, ନିତ୍ୟାନନ୍ଦ ବେହେରା, ଅନନ୍ତ ଗୋସ୍ୱାମୀ ଆଞ୍ଚଳିକ ଯାଦବ ସଂଘର ସଭାପତି ପ୍ରଫୁଲ୍ଲ କୁମାର ବେହେରା, ପ୍ରମୋଦ ଚୌଧୁରୀ, ନୃସିଂହ ଦାସ, ଶଙ୍କର ବହିରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଯାଦବ ସମାଜର ଏହି କାଠି ଲଉଡ଼ି ପ୍ରତିଯୋଗିତା କାହିଁ କେଉଁ କାଳରୁ ଏକ ଆଧ୍ୟାତ୍ମିକ ପରମ୍ପରା ବହନ କରେ ବୋଲି କହିବା ସହିତ ଏହାର ପ୍ରଚାର ପ୍ରସାର ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକ ଧୀରେନ୍ଦ୍ର ପରିଡ଼ା, ଶରତ ଚନ୍ଦ୍ର ପରିଡ଼ା, ଚୈତନ୍ୟ ପରିଡ଼ା ପ୍ରମୁଖଙ୍କ ସହିତ ଗହିରପଡ଼ା ଓ ବୁଦ୍ଧିସାହିର ସମସ୍ତ ଜନସାଧାରଣ ମିଳିମିଶି ପରିଚାଳନା କରିଥିଲେ। ଏଥିରେ ବହୁସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ।

## ନୂଆପଡ଼ା ବିଦ୍ୟାଳୟରେ ଖଡ଼ିଛୁଆଁ ଉତ୍ସବ



**ଡେରାବିଶ ୮।୪(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅନ୍ତର୍ଗତ ବାଙ୍କିମୁଣ୍ଡାଇ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ନୂଆପଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ଦୀଲିପ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଚାନ୍ଦୋଳ ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର କୁମାର ମଲିକ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ମଲ୍ଲ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହିତ ଖଡ଼ିଛୁଆଁଇ ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶାନ୍ତନୁ କୁମାର ସାହୁ, ବିରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମିଶ୍ର, ପ୍ରମୋଦ ରାଉତରାୟ, ଶିକ୍ଷୟିତ୍ରୀ ଇତିଶ୍ରୀ ନାୟକ, ଶାନ୍ତିଲତା ପଣ୍ଡା ଓ ଶ୍ରୀୟାଶକ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଓରଗଳା ପ୍ରାଥମିକ ବିଦ୍ୟାଳୟ,ବାଙ୍କିମୁଣ୍ଡାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭଣଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଣେଶପୁର ପ୍ରାଥମିକ ବିଦ୍ୟାଳୟ, ଖରିଦାସାହି ପ୍ରାଥମିକ ବିଦ୍ୟାଳୟ ଓ ଚାନ୍ଦୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଉତ୍ସବ ପାଳିତ ହୋଇଯାଇଛି।

## ଅଚିହ୍ନା ମହିଳାଙ୍କ ମୃତଦେହ ଜବତ

**କୁଜଙ୍ଗ, ୮।୪(ମନୋଜ ପ୍ରଧାନ):**

ଜଟାଧାର ସାମୁଦ୍ରିକ ଥାନା ତଥା ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ କଂସାରିପାଟିଆ ସମୁଦ୍ର ବେଳାଭୂମିରୁ ବୁଧବାର ଜଣେ ଅଚିହ୍ନା ମହିଳାଙ୍କ ଗଳିତ ମୃତଦେହ ଜବତ ହୋଇଛି। କଂସାରିପାଟିଆ ସମୁଦ୍ର କୂଳରେ ପଚି ଶଢ଼ି ଯାଇଥିବା ଏକ ଅଚିହ୍ନା ମହିଳାଙ୍କ ଗଳିତ ମୃତଦେହ ପଡ଼ିଥିବାବେଳେ ହାତରେ ଜାନକୀ ଲେଖାଥିବା ଟାଟୁ ଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (୧/୨୬) ରୁଜୁ କରି ବ୍ୟବଚ୍ଛେଦ କରିଥିବା ଥାନା ଅଧିକାରିଣୀ କଲ୍ୟାଣିମୟୀ ଷେଣ୍ଠ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ ଗଣେଶ



@ ମନୀଷ



@ ପୂଜା



@ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାରାୟଣ ବୀରବର ସାମନ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ନେଇ ସନ୍ଦେହ

### କୁଜଙ୍ଗ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ

**କୁଜଙ୍ଗ, ୮।୪(ମନୋଜ ପ୍ରଧାନ)**

କୁଜଙ୍ଗ ମହୋତ୍ସବ ନିମନ୍ତେ ବୁଧବାର ସନ୍ଧ୍ୟାରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମହୋତ୍ସବ ସମ୍ପର୍କିତ ସମସ୍ତ ବିଷୟରେ ପ୍ରଶାସନ ପକ୍ଷରୁ ବନ ବିହାରୀ ହାଇସ୍କୁଲ ପଡିଆରେ ସନ୍ଧ୍ୟାରେ ମହୋତ୍ସବ କମିଟି ସଦସ୍ୟ ବୃନ୍ଦ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ସମୀକ୍ଷା ଓ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ତପନ କୁମାର ସାମନ୍ତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମହୋତ୍ସବ କମିଟି ସଭାପତି କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ସମ୍ପାଦକ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା , ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ ଦାସ, କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନ , ଯୁବନେତା ତପନ କୁମାର ତ୍ରିପାଠୀ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ, ରାଜେନ୍ଦ୍ର ନାରାୟଣ ଦାସ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ମୁଖ୍ୟତଃ ଭିଡ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ବିଦ୍ୟୁତ ସରବରାହ ଓ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ଆରମ୍ଭ କରି ଶେଷ ପାଇଁ ଆଲୋଚନା କରାଯାଇଥିଲା। ସବୁଠାରୁ ଉଲ୍ଲେଖନୀୟ ଘଟଣା କୁଜଙ୍ଗ ଗାନ୍ଧୀ ତଥା ଓଡ଼ିଶାର ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ଆନୁକୂଲ୍ୟରେ ହେଉଥିବା କୁଜଙ୍ଗ ମହୋତ୍ସବ ଉଦ୍‌ଘାଟନ ଅବସରରେ କୁଜଙ୍ଗ ଗାନ୍ଧୀଙ୍କ ଏକ ପୂର୍ଣ୍ଣୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି କୁଜଙ୍ଗଠାରେ ଉନ୍ମୋଚନ ନିମନ୍ତେ ଘୋଷଣା ହୋଇଥିଲା। ଏଥିପାଇଁ ଜେଏସ୍‌ଡବ୍ଲୁ ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଇ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥଳକୁ ପ୍ରସ୍ତୁତି କରାଯାଇଥିଲା। ପ୍ରତିମୂର୍ତ୍ତି ସ୍ଥାପନ ପିଣ୍ଡି ମଧ୍ୟ ପ୍ରସ୍ତୁତ ହୋଇଛି। ହେଲେ ଗୁରୁବାର ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ନେଇ ସନ୍ଦେହ ଉପୁଜିଛି। ଏ ସମ୍ପର୍କରେ ଭାରତ ପ୍ରଧାନ କହିଛନ୍ତି, ପ୍ରତିମୂର୍ତ୍ତି ନିର୍ମାଣ ଶେଷ ହୋଇ ନ ଥିବାରୁ କୁଜଙ୍ଗ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସନ୍ଦେହ ଦେଖାଦେଇଛି। ସେ ଏକଥା କହିବା ପରେ ବାଧ୍ୟ ହୋଇ କାର୍ଯ୍ୟକାରୀ ସଭାପତି ସାମନ୍ତରାୟ ସଭାରେ ପ୍ରତିମୂର୍ତ୍ତି ନିର୍ମାଣ ଶେଷ ହୋଇ ନ ଥିବା କହିଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀ ଓ କାର୍ଯ୍ୟକର୍ତ୍ତା।

No. 10001/24/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଜାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ୍/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10001/10003/2/26-27/0002

# ଗୁରୁ ହିଁ ଛାତ୍ରୀଛାତ୍ରୀଙ୍କୁ ସୁଗମ ରାସ୍ତା ଦେଖାଇପାରିବେ

## କାଳିଆପାଣି ହାଇସ୍କୁଲର ବାର୍ଷିକ ଉତ୍ସବ

କାଳିଆପାଣି, ୮।୪ (ଅସିତ ମହାନ୍ତ)


କାଳିଆପାଣି ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ସୁକିନ୍ଦା ବ୍ଲକ୍ ଅଧୀନ କାଳିଆପାଣି ହାଇସ୍କୁଲର ୩୬ତମ ବାର୍ଷିକ ଉତ୍ସବ ଓଡ଼ିଶା ଖଣି ନିଗମର କାଳିଆପାଣି କଲୋନୀ ପରିସର କମ୍ୟୁନିଟି ଗୃହରେ ବୁଧବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନା ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ଖଣି ନିଗମ ଆଞ୍ଚଳିକ ପ୍ରବନ୍ଧକ ଅବନିକାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲରୁ ବାହାରୁଥିବା ସୁଯୋଗ୍ୟ ଶିକ୍ଷାର୍ଥୀଙ୍କୁ ଖଣିରୁ ଉତ୍ପାଦିତ ମୂଲ୍ୟବାନ ଦ୍ରବ୍ୟ ସହ ତୁଳନା କରିଥିଲେ। ସୁକିନ୍ଦା ମହାବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁ ହିଁ ଛାତ୍ରୀଛାତ୍ରୀଙ୍କୁ ସୁଗମ ରାସ୍ତା ଦେଖାଇପାରିବେ ବୋଲି କହିଥିଲେ। ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଦାସ, ଓଡ଼ିଶା ଖଣି ନିଗମର ଦେବାଶିଷ ସାମଲ ଓ ଦେବାଶିଷ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକାଗ୍ରତା ସହ ପରିଶ୍ରମର ଆବଶ୍ୟକତା ରହିଛି ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଶିକ୍ଷକ ଯୁଧିଷ୍ଠିର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ଦିଆଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କୁନିକୁନି ପିଲାଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବାରରେ ହେଉଥିବା ବିଶୃଙ୍ଖଳା ଆଧାରିତ 'ସମୟ ହାତରେ ଡୋରି' ନାଟକ ଦର୍ଶକଙ୍କୁ ବିମୋହିତ କରିଥିଲା। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାରେ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଜନ ଆରୋଗ୍ୟ ସମିତି ବୈଠକ

ବଡ଼ଚଣା, ୮।୪ (ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ଛକରେ ଅବସ୍ଥାପିତ ଦୁର୍ଘଟଣା ଜନିତ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଆଶିଷ କାଡଜୀଙ୍କ ସଭାପତିତ୍ୱରେ ଜନଆରୋଗ୍ୟ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧ୍ୟକ୍ଷ ଗଣେଶ୍ୱର ବରାଳ, ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ବିପିଏମ ବିନୋଦ ବିହାରୀ ସାହୁ ଓ ମନୋରମା ସ୍ୱାଇଁ ପ୍ରମୁଖ ଯୋଗଦେଇ କେନ୍ଦ୍ରର ସୁବିଧା ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ଆୟୁଷ ଡାକ୍ତର ଲିନା ପଟ୍ଟନାୟକ କାର୍ଯ୍ୟର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଫାର୍ମାସିଷ୍ଟ ସଂଯୁକ୍ତା ଧଳ କେନ୍ଦ୍ରର ବିବରଣୀ ପାଠ କରିଥିଲେ। କମିଟି ସଦସ୍ୟ ମସିର ଆଲାମ, ମୋହନ ଖିଲାର, ଦୀନବନ୍ଧୁ ନାୟକ, ଏସ୍‌କେ ସବିର ଉଦିନ ପ୍ରମୁଖ ଯୋଗଦେଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତରଙ୍କ ପାଇଁ ସ୍ୱତନ୍ତ୍ର କୋଠରୀ, ଔଷଧ କୋଠରୀ, ଲାବ୍ରୋଟୋରି, ଆବର୍ଜନା କୁଣ୍ଡ, ସାଇନବୋର୍ଡ, କୟାକଳ୍ପ ପାଇଁ ଆନୁଷଙ୍ଗିକ କାର୍ଯ୍ୟ, ଚତୁର୍ଥ ଶ୍ରେଣୀ କର୍ମଚାରୀ, ସ୍ୱତନ୍ତ୍ର ଡାକ୍ତର ନିଯୁକ୍ତି ଏବଂ ସପ୍ତାହରେ ତିନିଥର ଡାକ୍ତର ଆସିବା ଆବଶ୍ୟକ ପ୍ରମୁଖ ପ୍ରସ୍ତାବଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରର କର୍ମଚାରୀ ସରୋଜିନୀ ରାଉତ, ସ୍ୱପ୍ନାରାଣୀ ଦଳାଇ, ରାକେଶ ରଣା ଓ ହିମାଂଶୁ ଶେଖର ମଲିକ ପ୍ରମୁଖ ସହଯୋଗ କରିଥିଲେ। ଫାର୍ମାସିଷ୍ଟ ସଂଯୁକ୍ତା ଧଳ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ଜନ ଆରୋଗ୍ୟ ସମିତିର କର୍ମକର୍ତ୍ତା।

# ଖରସ୍ରୋତା ମହାବିଦ୍ୟାଳୟରେ ରକ୍ତଦାନ ଶିବିର


ରକ୍ତଦାନ ଶିବିରରେ ଯୋଗ ଦେଇଥିବା ଅତିଥି।

ସିଂହପୁର, ୮।୪(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ୍ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ ୟୁନିଟ୍ ରକ୍ତ ସଂଗୃହୀତ କରାଯାଇଛି। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ, ଜାତୀୟ ସେବା ଯୋଜନା, ରୋଭେର ଓ ରେଞ୍ଜର ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ଅଧ୍ୟକ୍ଷ ବ୍ରଜକିଶୋର ସାହୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ନୀଳମଣି ମଲ୍ଲିକ, ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଜଳଧର ସାହୁ, ରୋଭେର ରେଞ୍ଜର ଗାଇଡ୍ ସନ୍ତୋଷ ମହାପାତ୍ର ଆୟୋଜନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ମୀନକେତନ ତ୍ରିପାଠୀ, ସୁରେନ୍ଦ୍ର ସାମଲ, ବିଜୟ ପତି, କୈଳାଶ ଚନ୍ଦ୍ର ମିଶ୍ର, ଅମ୍ବିକା ପ୍ରସାଦ ଜେନା, ବୈଭବ ନାୟକ, ଚିତ୍ତରଞ୍ଜନ ସାହୁ, ଖେଳ ଶିକ୍ଷକ ସଞ୍ଜୀବ ଭଦ୍ରା, ଅଧ୍ୟାପିକା ମମତାମୟୀ ସାମଲ, ସ୍ମୃତିସ୍ମିତା ନାୟକ, ଝରଣା ଦେହୁରୀ, କିରାଣୀ ଚିରସ୍ମିତା ନାୟକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଦିଲୀପ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କର ତତ୍ତ୍ୱାବଧାନରେ ରକ୍ତ ସଂଗୃହୀତ ହୋଇଥିଲା।

# ନାବାଳିକା ମୃତଶିଶୁ ଜନ୍ମ ଦେବାପରେ ଖୋଳତାଡ଼

ପାଣିକୋଇଲି, ୮।୪(ବିକାଶ ଚନ୍ଦ୍ର ମଲ୍ଲିକ)

ଦିନକୁ ଦିନ ନାବଳିକା ମା' ହେବା ଘଟଣା ବଢ଼ିଚାଲିଛି। ଏବେ ପାଣିକୋଇଲି ଥାନା ଅଞ୍ଚଳରେ ଜଣେ ୧୫ ବର୍ଷୀୟା ନାବାଳିକା ଯାଜପୁର ମେଡିକାଲରେ ମୃତ ସନ୍ତାନ ଜନ୍ମ ଦେବାପରେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ପାଣିକୋଇଲି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ସୌଦାମିନୀ ସାହୁ ସୁପରଭାଇଜରଙ୍କ ଜରିଆରେ ସିଡିପିଓଙ୍କୁ ଏନେଇ ଲିଖିତଭାବେ ଜଣାଇଛନ୍ତି। ସିଡିପିଓ ଶାନ୍ତିଲତା ବେସ୍ରା ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ପରେ ଅଭିଯୁକ୍ତ ନାବାଳକ ଫେରାର ହୋଇ ଯାଇଛନ୍ତି।

ପାଣିକୋଇଲି ଅଞ୍ଚଳର ୧୬ ବର୍ଷୀୟ ନାବାଳକ ଜଣେ ନାବାଳିକାଙ୍କୁ ପ୍ରେମ ବିବାହ କରି ଆଣି ଘରେ ରଖିଥିଲେ। ନାବାଳିକା ଜଣକ ୧୩।୧।୨୦୨୬ରେ ଅଳତିରି ଅଙ୍ଗନୱାଡି କେନ୍ଦ୍ରରେ ଗର୍ଭବତୀ ଇଞ୍ଜେକଶନ ନେଇଥିଲେ। ଫେବୃଆରୀ ୩ରେ ପୁଣି ଇଞ୍ଜେକଶନ ନେବାକୁ ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଆସିବାରୁ ଜନ୍ମତାରିଖରୁ ଘଟଣା ଜଣାପଡିଥିଲା। ହେଲେ ଏଦିଗରେ ସମସ୍ତେ ଚୁପ ରହିଥିଲେ। ନାବଳିକା ମୃତ ସନ୍ତାନ ଜନ୍ମ ଦେବା ପରେ ପୋଲିସ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ନାବାଳିକାଙ୍କ ବୟାନ ରେକର୍ଡ କରିବା ସହ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ପ୍ରତ୍ୟକ ଆଦିବାସୀ ସାହିରେ ନାବାଳକ ଓ ନାବାଳିକା ବିବାହ ଜାରି ରହିଛି। ଏ ଦିଗରେ ପ୍ରଶାସନ କିଛି ଜାଣିପାରୁନି। ମେଡିକାଲ ଗଲେ ବା ଅଙ୍ଗନୱାଡିକୁ ଗଲେ ତାହା ଜଣାପଡୁଛି। ଯେଉଁମାନେ ଘରେ ପ୍ରସବ କରୁଛନ୍ତି ସେ ସମ୍ପର୍କରେ ତଥ୍ୟ କେହି ଜାଣିପାରୁ ନାହାନ୍ତି। ପ୍ରତ୍ୟେକ ଆଦିବାସୀବସ୍ତିକୁ ଯାଞ୍ଚ କଲେ ଅନେକ ଏଭଳି ଘଟଣା ନଜରକୁ ଆସିବ ଓ କାର୍ଯ୍ୟାନୁଷ୍ଠାନ ଭୟରେ ଏଭଳି ଘଟଣାର ପୁନଃରାବୃତି ଘଟିବ ନାହିଁ ବୋଲି ବୁଦ୍ଧିଜିବୀ ମହଲରେ ମତପ୍ରକାଶ ପାଇଛି।

# ରେଳ ଲାଇନରୁ ମିଳିଲା ଯୁବକଙ୍କ ମୃତଦେହ

ବ୍ୟାସନଗର, ୮।୪(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ ରେଳ ଷ୍ଟେଶନର ଦକ୍ଷିଣ ପଟ ଚୂନଭାଟି ନିକଟ ରେଳଲାଇନରୁ ବୁଧବାର ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ମିଳିଛି। ତାଙ୍କ ପରିଚୟ ମିଳି ପାରିନାହିଁ। ମୃତ ଯୁବକଙ୍କ ବୟସ ୩୫ ବର୍ଷ ହେବ। ତାଙ୍କର ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଯାଜପୁରରୋଡ୍ ରେଲୱେ ପୋଲିସ ସୂଚନା ଦେଇଛି। ଏନେଇ ଭଦ୍ରକ ରେଲୱେ ଥାନା ପୋଲିସ ନଂ.୨୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବାଗୃହରେ ସଂରକ୍ଷିତ ରଖିଛି। ସ୍ଥାନୀୟ ଲୋକେ ସକାଳୁ ରେଳ ଲାଇନରେ ଜଣେ ଯୁବକର ମୃତ୍ୟୁ ହୋଇଥିବା ଦେଖି ରେଲୱେ ପୋଲିସକୁ ଖବର ଦେଇଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଭଦ୍ରକ-କଟକ ଅପଲାଇନରେ ଏହି ଘଟଣା ଘଟିଥିବା ଯାଜପୁରରୋଡ୍ ଜିଆରପି ଅଧିକାରୀ ସୁଶାନ୍ତ କୁମାର ସେଠୀ କହିଛନ୍ତି। ଆଗାମୀ ୯୬ ଘଣ୍ଟା ପର୍ଯ୍ୟନ୍ତ ମୃତଦେହକୁ ସଂରକ୍ଷିତ ରଖାଯିବ। କେହି ଦାବିଦାର ନ ମିଳିଲେ ମୃତଦେହ ସତ୍କାର କରାଯିବ ବୋଲି ସୂଚନା ମିଳିଛି।

# ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଚଣ୍ଡିଖୋଲ, ୮।୪ (ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ଥାନା ଅନ୍ତର୍ଗତ ଦକ୍ଷିଣ-ପୂର୍ବ ରେଳପଥର ଉବୁକା ଗ୍ରାମ ନିକଟ ରେଳଧାରଣାରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତଦେହ ଦେଖି ସ୍ଥାନୀୟ ଲୋକେ ଯାଜପୁର ରୋଡ୍ ରେଲୱେ ପୋଲିସକୁ ଖବର ଦେଇଥିଲେ। ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ।

# ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆଲୋଚନାଚକ୍ର


ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ।

ବଡ଼ଚଣା, ୮।୪(ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ଆଲୋଚନାଚକ୍ର ନିଜସ୍ୱ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାୟୀ ସଭାପତି ଶେଷଦେବ ନାୟକ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ସମ୍ପାଦକ ଲକ୍ଷ୍ମୀଧର ସାହାଣୀ, ଉପସଭାପତି କ୍ଷୀରୋଦ ମାହାଲା, ଉପଦେଷ୍ଟା ଦୁଃଖିଶ୍ୟାମ ସାହୁ, ସନ୍ତୋଷ ବିଶ୍ୱାଳ, ସାରଦା ମହାନ୍ତି, ଅଜୟ ଜେନା, ବିଜୟ କୁମାର କର ଓ ସେକ କରାମତ ତୁଲା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଜୟ କର ଓ ସଭାପତି ଶେଷଦେବ ନାୟକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଯେଉଁମାନେ ଅସହାୟ ଅବସ୍ଥାରେ ଅଛନ୍ତି ସେମାନଙ୍କୁ ଏଠାରେ ଆଶ୍ରୟ ଦିଆଯିବା ସହ ଖାଦ୍ୟପେୟର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଥିଲା।

# ରକ୍ତଦାନ ଦିବସ ସଚେତନତା କାର୍ଯ୍ୟକ୍ରମ

ବ୍ୟାସନଗର, ୮।୪
(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ରକ୍ତଦାନ ଦିବସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଏପ୍ରିଲ ୧ରୁ ଏପ୍ରିଲ ୧୪ ପର୍ଯ୍ୟନ୍ତ ପାଳିତ ହେଉଥିବା ଓଡ଼ିଆ ପକ୍ଷ ଅବସରରେ 'ରକ୍ତଦାନ ମହାପୁଣ୍ୟ' ବିଷୟକୁ ନେଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସାଂସ୍କୃତିକ ପରିଷଦ ଉପସଭାପତି ପ୍ରାଧ୍ୟାପକ ବ୍ରଜକିଶୋର ମିଶ୍ର ଓ ଅଧ୍ୟାପକ ଅଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପ୍ରଭାତ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବଭ୍ରୁବାହନ ଜେନା, ସଂସ୍କୃତ ବିଭାଗ ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଓ୍ୱାଇଆର୍‌ସି କାଉନସିଲର ଇତିହାସ ବିଭାଗ ମୁଖ୍ୟ ଡ. ରଜତ କାନ୍ତ ଦାସ ପ୍ରମୁଖ ଯୋଗଦେଇ ରକ୍ତଦାନ ମହତ ଦାନ ବିଷୟରେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ତନ୍ମୟ ପୃଷ୍ଟି, ସୁରେନ୍ଦ୍ର ସାହୁ, ଅଧ୍ୟାପିକା ଲିପ୍ସା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ତୃପ୍ତିମୟୀ ଦାସ ଧନ୍ୟବାଦ ଦେଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ବ୍ୟାସନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଅନ୍ୟମାନେ।

# ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ



ଅର୍ଥନୀତି ବିଭାଗ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

ବ୍ୟାସନଗର, ୮।୪(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଯୁକ୍ତ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ବିଭାଗୀୟ ମୁଖ୍ୟ ଅଧ୍ୟାପକ ସନାତନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷ ପ୍ରଭାତ କୁମାର ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପିକା ପ୍ରମୋଦିନୀ ତରାଇ, ମାଧବ ଦେହୁରୀ, ଭାଗ୍ୟଲକ୍ଷ୍ମୀ ଦାସ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଏହି ସଭାର ଆୟୋଜନ କରିଥିଲେ। ମେନକା କୁମାରୀ ଓ ଇନ୍ଦିରା ପ୍ରିୟଦର୍ଶନୀ ଦାସ ସଭା ସଂଯୋଜନା କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପାୟଲ ଧୀର, ଲିପ୍ସା ପାତ୍ର, କସ୍ମିକ ସିଂ, ଆଲୋକ ପୃଷ୍ଟି, ଲିଜାରାଣୀ ପାତ୍ର, ସ୍ୱାତି ସାହା, ସୂର୍ଯ୍ୟକୁମାର, ଇତିଶ୍ରୀ ରଣା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ଆଳୁ ବସ୍ତା ପାଇଁ ବଜାରରେ ଭିଡ଼, ରାସ୍ତା ଜାମ୍

ପାଣିକୋଇଲି, ୮।୪(ବିକାଶ ଚନ୍ଦ୍ର ମଲ୍ଲିକ)

ମାତ୍ର ୧୫୦ଟଙ୍କାରେ ଆଳୁ ବସ୍ତା କଣିବା ପାଇଁ ମଙ୍ଗଳବାର ପାଣିକୋଇଲି ବଜାରରେ ନାହିଁ ନ ଥିବା ଭିଡ଼ ଦେଖାଦେଇଛି। ଏମିତିକି କିଛି ସମୟ ପାଇଁ ପାଣିକୋଇଲିର ଗଣେଶ ବଜାର ଜାମ ରହିବା ସହ ଯାତାୟାତ ଠପ୍ ହୋଇଯାଇଥିଲା। ବଜାରେ ଆଳୁ ବସ୍ତା ପ୍ରତି ୨୦୦ ଟଙ୍କା ଦାମ ରହିଥିବାବେଳେ ପଶ୍ଚିମବଙ୍ଗରୁ ଏକ ଆଳୁ ବୋଝେଇ ଟ୍ରକ ଆସି ଗଣେଶ ବଜାରରେ ଅଟକିଥିଲା। ଏହାପରେ ସେଠାରେ ଆଳୁ ବସ୍ତା ପ୍ରତି ୧୫୦ଟଙ୍କା ବିକ୍ରି କରିବାର ଘୋଷଣା ପରେ ନାହିଁ ନ ଥିବା ଭିଡ଼ ହୋଇଥିଲା। ଲୋକେ ପ୍ରତିଯୋଗିତାମୂଳକ ଭାବେ ଆଳୁ ବସ୍ତା କିଣିଥିଲେ। ଭଲ ଆଳୁ କି ପଚା ଆଳୁ ତାହା ପରଖିବା ପୂର୍ବରୁ ଦାମ କମ ଶୁଣି ଭିଡ଼ ଲାଗିଥିଲା। ଲୋକେ ଆଳୁବସ୍ତାଗୁଡ଼ିକୁ ବାଇକରେ ଲଦି ନେଇ ପଳାଇଥିଲେ। ପ୍ରାୟ ଘଣ୍ଟାକ ମଧ୍ୟରେ ଏକ ଟ୍ରକ ଆଳୁ ଖାଲି ହୋଇ ଯାଇଥିଲା।

# ଯାଜପୁର ଲୟର୍ସ ଆସୋସିଏଶନର ଶପଥ ଗ୍ରହଣ

ଯାଜପୁର ଟାଉନ, ୮।୪
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଲୟର୍ସ ଆସୋସିଏଶନ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନ୍‌ର ସମସ୍ତ ଆଇନ୍‌ଜୀବୀ ଉପସ୍ଥିତ ରହି ନବନିର୍ବାଚିତ ସଭ୍ୟାସଭ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ନିର୍ବାଚନ ଅଧିକାରୀ ବିଜୟ କୁମାର ଜେନା ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଅମିୟ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଦିବାକର ମହାନ୍ତି, ଉପସଭାପତି ଭାବେ ଝରଣା ମିଶ୍ର ଓ ସହସମ୍ପାଦିକା ଭାବେ ଚିନ୍ମୟୀ ଜେନାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଶପଥ ପାଠ ଗ୍ରହଣ କରିଥିଲେ। ଆଇନଜୀବୀଙ୍କ ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯିବ ବୋଲି ନୂତନ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଉତ୍ସବରେ ପୂର୍ବତନ ସଭାପତି ପ୍ରତାପ ରାୟ, ମାନଗୋବିନ୍ଦ ଧଳ ଓ ରାଜ୍ୟ ବାର୍ କାଉନସିଲର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଉପସ୍ଥିତ ରହି ସମସ୍ତ କର୍ମକର୍ତ୍ତା ଏବଂ ସଭ୍ୟାସଭ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ।



ଯାଜପୁର ଲୟର୍ସ ଆସୋସିଏଶନର ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିବା କର୍ମକର୍ତ୍ତା।

# ୧୯୯୮ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ



ଯାଜପୁରଟାଉନ, ୮।୪
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ସହରର ସର୍ବପୁରାତନ ବିରଜା ହାଇସ୍କୁଲ୍ ୧୯୯୮ ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁମିଳନ ବିରଜା ମନ୍ଦିର ନିକଟ ସୁଭଦ୍ରା ଶକ୍ତି କାଫେଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୮୦ଜଣ ଛାତ୍ରୀଛାତ୍ର ସେମାନଙ୍କ ପରିବାର ସହ ୨୮ବର୍ଷ ପରେ ସାମିଲ ହୋଇଥିଲେ। ୨ ଦିବଙ୍ଗତ ସାଙ୍ଗଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରତିବର୍ଷ ବନ୍ଧୁମିଳନ କରିବାକୁ ସାଙ୍ଗମାନେ ନିଷ୍ପତ୍ତି ନେଇଥିଲେ।

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ

ବନାମ

ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨

୨) ହୋଟେଲ ଗାଲାକ୍ସୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା ଟ.୫୩,୫୮,୯୦୪.୦୦ ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୩୦ ଦିନ ମଧ୍ୟରେ କିମ୍ବା ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ ୨୬ ମାର୍ଚ୍ଚ, ୨୦୨୬ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

